# NATIONAL NEWS BULLETIN (ODIA)

## 06th December - 2025

## Morning Bulletin : 7.15 a.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଭାରତ-ରୁଷ ସ୍ୱତନ୍ତ୍ର ଭାଗିଦାରିତାକୁ ରୁଷ୍ ରାଷ୍ଟ୍ରପତିଙ୍କ ସମର୍ଥନ ଓ ପ୍ରତିବଦ୍ଧତାକୁ ପ୍ରଶଂସା କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ୨୩ତମ ଭାରତ-ରୁଷ୍ ବାର୍ଷିକ ଶିଖର ସମ୍ମିଳନୀରେ ୧୬ଟି ବୁଝାମଣାପତ୍ର ସ୍ୱାକ୍ଷରିତ ।

— ବାଣିଜ୍ୟ ସହିତ ସମସ୍ତ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ପାରସ୍ପରିକ ବିଶ୍ୱାସ ରହିଛି; କହିଲେ ପ୍ରଧାନମନ୍ତ୍ରୀ ।

- ଭାରତରତ୍ନ ଡକ୍ଟର ବି.ଆର୍.ଆମ୍ବେଦକରଙ୍କ ୭୦ତମ ଶ୍ରାଦ୍ଧବାର୍ଷିକୀକୁ ଆଜି ଦେଶରେ ମହାପରିନିର୍ବାଣ ଦିବସ ଭାବେ ପାଳନ କରାଯାଉଛି ।

- ଇଣ୍ଡିଗୋ ବିମାନ ସେବାରେ ବାତିଲ୍ ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ଆଜିଠାରୁ ସ୍ୱାଭାବିକ ହେବା ନେଇ ସୂଚନା ।

ଏବଂ

- ପୁରୁଷ କ୍ରିକେଟ୍‌ରେ ଆଜି ବିଶାଖାପଟ୍ଟନମ୍‌ରେ ଅନୁଷ୍ଠିତ ହେବ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନ୍ତିମ ଏକଦିବସୀୟ ମ୍ୟାଚ୍ ।

## ପ୍ରେଜ୍ - ରୁଷିଆ

ଭାରତ-ରୁଷ୍ ସ୍ୱତନ୍ତ୍ର ଭାଗିଦାରିତାକୁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ସମର୍ଥନ ଓ ପ୍ରତିବଦ୍ଧତା ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଶଂସା କରିଛନ୍ତି । ରାଷ୍ଟ୍ରପତି ମୁର୍ମୁ ଗତ ସନ୍ଧ୍ୟାରେ ରୁଷ୍ ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଏକ ନୈଶ୍ୟଭୋଜିର ଆୟୋଜନ କରିଥିଲେ । ଶ୍ରୀ ପୁଟିନ୍‌ଙ୍କ ଭାରତ ଗସ୍ତ ଉଭୟ ଦେଶ ମଧ୍ୟରେ ଥିବା ରଣନୈତିକ ସମ୍ପର୍କକୁ ଆହୁରି ଗୁରୁତ୍ୱ ପ୍ରଦାନ କରିଛି ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି । ଉଭୟ ଦେଶ ସେମାନଙ୍କ ରଣନୈତିକ ଭାଗିଦାରିତାର ଚଳିତ ବର୍ଷ ୨୫ ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି ।

ରାଷ୍ଟ୍ରପତି କହିଛନ୍ତି, ଉଭୟ ଦେଶ ମଧ୍ୟରେ ଥିବା ରଣନୈତିକ ଭାଗିଦାରୀ ସମ୍ପର୍କ ଶାନ୍ତି, ସ୍ଥିରତା ଏବଂ ପାରସ୍ପରିକ ସାମାଜିକ-ଅର୍ଥନୈତିକ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶ କ୍ଷେତ୍ରରେ ସଫଳତା ଆଣିବ । ଚଳିତ ବର୍ଷ ଉଚ୍ଚସ୍ତରୀୟ ରାଜନୈତିକ ଚିନ୍ତାଧାରା ଆଦାନ ପ୍ରଦାନ ଯୋଗୁଁ ବାଣିଜ୍ୟ ଏବଂ ଅର୍ଥନୀତି, ପ୍ରତିରକ୍ଷା, ସାମରିକ ଅଣୁ ସହଯୋଗ, ମହାକାଶ, ବିଜ୍ଞାନ ଏବଂ

ପ୍ରଯୁକ୍ତିବିଦ୍ୟା ଓ ଅନ୍ୟାନ୍ୟ କ୍ଷେତ୍ରରେ ଭାରତ ଏବଂ ରୁଷ୍ ମଧ୍ୟରେ ସହଯୋଗ ବୃଦ୍ଧି ପାଇଥିବା ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ।

ସେ କହିଛନ୍ତି, ୨୩ତମ ଭାରତ-ରୁଷ ବାର୍ଷିକ ସମ୍ମିଳନୀର ମିଳିତ ମନ୍ତବ୍ୟରେ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଦୃଢ଼ କରିବା ଲାଗି ଢାଞ୍ଚା ନିର୍ଦ୍ଧାରଣ କରିବା ସମ୍ପର୍କରେ ପ୍ରତିବଦ୍ଧତା ପ୍ରକାଶ ପାଇଛି । ଉଭୟ ଦେଶର ରାଷ୍ଟ୍ରପତି' ଆଗାମୀ ଦିନରେ ଭାରତ-ରୁଷ୍ ମଧ୍ୟରେ ଥିବା ସମ୍ପର୍କ ଆହୁରି ଦୃଢ଼ ହେବ ବୋଲି କହିଛନ୍ତି ।

## ପୁଟିନ୍ - ଡିପାର୍‌ଚର

ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ ଭାରତ ଗସ୍ତ ଶେଷକରି ଗତରାତିରେ ପାଲମ୍ ବିମାନବନ୍ଦରରୁ ରୁଷ୍ ଅଭିମୁଖେ ଯାତ୍ରା କରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ବିମାନ ବନ୍ଦରରେ ଶ୍ରୀ ପୁଟିନ୍‌ଙ୍କୁ ବିଦାୟ ଦେଇଥିଲେ । ଚଳିତ ମାସ ୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣକ୍ରମେ ଦୁଇଦିନିଆ ଭାରତ ଗସ୍ତରେ ଆସି ଶ୍ରୀ ପୁଟିନ ୨୩ତମ ଭାରତ-ରୁଷ୍ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିଲେ । ଏହି ସମ୍ମିଳନୀରେ କାଳରେ ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା, ଅର୍ଥନୀତି, ବାଣିଜ୍ୟ, ସ୍ୱାସ୍ଥ୍ୟସେବା, ସଂସ୍କୃତି ଓ ଗଣମାଧ୍ୟମ କ୍ଷେତ୍ରରେ ୧୬ଟି ବୁଝାମଣାପତ୍ର

ସ୍ୱାକ୍ଷରିତ ହୋଇଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ୨୩ତମ ଭାରତ-ରୁଷ୍ ବାର୍ଷିକ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଛି । ପରେ ଏକ ମିଳିତ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି, ଭାରତ-ରୁଷ ଭାଗିଦାରିତା ବିଶ୍ୱସ୍ତରୀୟ ସମସ୍ୟାଗୁଡ଼ିକର ମୁକାବିଲା କରିବା ଦିଗରେ ଶକ୍ତି ପ୍ରଦାନ କରିବ । ଶ୍ରୀ ମୋଦି କହିଛନ୍ତି, ଉଭୟ ଦେଶ ଆତଙ୍କବାଦର ମୁକାବିଲା ନିମନ୍ତେ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ।  ଏହି ଅବସରରେ ଜାତିସଂଘଦ୍ୱାରା ଘୋଷିତ ଆତଙ୍କବାଦୀ ଗୋଷ୍ଠୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଶ୍ରୀ ମୋଦି ଆହ୍ୱାନ ଦେଇଛନ୍ତି । ଉଭୟ ନେତା ବୈଠକ କରିବା ସହ ଆଗାମୀ ଦିନରେ ଭାରତ ବିଶ୍ୱର ତୃତୀୟ ଅର୍ଥନୀତିରେ ପରିଣତ ହେବା ଦିଗରେ ଅଗ୍ରସର ହେଉଥିବା ଶ୍ରୀ ମୋଦି କହିଛନ୍ତି । ଶ୍ରୀ ମୋଦି କହିଛନ୍ତି, ବାଣିଜ୍ୟ ହେଉ କି କୂଟନୀତି, ସବୁକ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ପାରସ୍ପରିକ ବିଶ୍ୱାସ ରହିଛି ।

***Voice (Modi-1)*** :......

ଗତବର୍ଷ ଉଭୟ ନେତା ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୧୦୦ ବିଲିୟନ୍ ଡଲାରରେ ପହଞ୍ଚାଇବା ବିଷୟକୁ ସ୍ମରଣ କରି ଶ୍ରୀ ମୋଦି କହିଥିଲେ :

***Voice (Modi-2)*** :......

# ମହାପରିନିର୍ବାଣ ଦିବସ

ଭାରତରତ୍ନ ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ୭୦ତମ ଶ୍ରାଦ୍ଧବାର୍ଷିକୀରେ ଦେଶ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଏହାକୁ ମହାପରିନିର୍ବାଣ ଦିବସ ଭାବେ ପାଳନ କରାଯାଉଛି । ସାରା ଦେଶରେ ଡକ୍ଟର ଆମ୍ବେଦକରଙ୍କ ଦେଶ ନିର୍ମାଣରେ ଅବଦାନକୁ ସ୍ମରଣ କରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକସଭା ବାଚସ୍ପତ ଓମ୍ ବିର୍ଲା ସଂସଦ ଭବନ ସ୍ଥିତ ପ୍ରେରଣା ସ୍ଥଳରେ ଆଜି ସକାଳେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ସେଠାରେ ଅନୁଷ୍ଠିତ ହେବାକୁଥିବା ସମସ୍ତ କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କପାଇଁ ଉନ୍ମୁକ୍ତ ରହିବ ବୋଲି କୁହାଯାଇଛି । ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟଦ୍ୱାରା ଡକ୍ଟର ଆମ୍ବେଦକର ଫାଉଣ୍ଡେସନ ପକ୍ଷରୁ ମହାପରିନିର୍ବାଣ ଦିବସ ପାଳନ କରାଯାଇଥାଏ । ଡକ୍ଟର ଆମ୍ବେଦକର ଏକାଧାରରେ ଜଣେ ସାମାଜିକ ସଂସ୍କାରକ, ଆଇନ ବିଶାରଦ ଓ ରାଜନେତା ଥିଲେ । ଡକ୍ଟର ଆମ୍ବେଦକରଙ୍କ ସାମାଜିକ ନ୍ୟାୟ, ସମାନତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତ୍ୟେକ ପିଢ଼ିକୁ ପ୍ରେରଣା ଯୋଗାଉଛି । ସରକାରଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ'ର ମନ୍ତ୍ର ଡକ୍ଟର ଆମ୍ବେଦକରଙ୍କ ସାମାଜିକ ନ୍ୟାୟ ଉପରେ ପର୍ଯ୍ୟବସିତ ବୋଲି କୁହାଯାଇଛି ।

## ଆଭିଏସନ୍ - ଗଭ୍

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି, ଇଣ୍ଡିଗୋ ବିମାନ ସେବାରେ ବିଳମ୍ବ ଘଟୁଥିବା ଏବଂ ଅନେକଗୁଡ଼ିଏ ଉଡ଼ାଣ ବାତିଲ୍ ହେଉଥିବା ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତିରେ ଉନ୍ନତି ଘଟୁଛି । ସେ କହିଛନ୍ତି, ଆଜିଠାରୁ ପରିସ୍ଥିତି ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି । ବିଭିନ୍ନ ଅଂଶୀଦାରମାନଙ୍କ ସହ ଆଲୋଚନା ପରେ ଶ୍ରୀ ନାଇଡୁ କହିଛନ୍ତି, ବାତିଲ୍ ହୋଇଥିବା ଉଡ଼ାଣ କ୍ଷେତ୍ରରେ ଅଟକ ରହିଥିବା ଯାତ୍ରୀମାନଙ୍କୁ ବିଭିନ୍ନ ଉପାୟରେ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ଲାଗି ଉଦ୍ୟମ କରାଯାଉଛି । ନୂଆଦିଲ୍ଲୀରେ ଗଣମାଧ୍ୟମ ସହ କଥାବାର୍ତ୍ତାବେଳେ ସେ କହିଛନ୍ତି, ଛୋଟପିଲା, ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିମାନେ ଯେଭଳି ଶୀଘ୍ର ଯାତ୍ରା କରିପାରିବେ, ସେନେଇ ସମସ୍ତ ବିମାନ ବନ୍ଦର କର୍ତ୍ତୃପକ୍ଷ ଏବଂ ବିମାନ ପରିଚାଳକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ରେଲ୍‌ୱେ - କୋଚେସ୍

ଦେଶରେ ଅନେକଗୁଡ଼ିଏ ବିମାନର ଉଡ଼ାଣ ବାତିଲ୍ ହେବା ପରେ ଯାତ୍ରୀମାନଙ୍କ ସୁବିଧା ସୁନିଶ୍ଚିତ କରିବା ଲାଗି ରେଳବାଇ ପକ୍ଷରୁ ସ୍ୱତନ୍ତ୍ର

ପଦକ୍ଷେପ ଗ୍ରହଣ କରାଯାଇଛି । ୩୭ଟି ଟ୍ରେନ୍‌ରେ ୧୧୬ଟି ଅତିରିକ୍ତ ବଗି ସଂଯୋଗ କରାଯାଇଛି । ଦକ୍ଷିଣ ରେଳବାଇ ପକ୍ଷରୁ ଅତ୍ୟଧିକ ସଂଖ୍ୟାରେ ବଗି ସଂଯୋଗ କରାଯାଇ ୧୮ଟି ଟ୍ରେନ୍‌ର ସାମର୍ଥ୍ୟ ବୃଦ୍ଧି କରାଯାଇଛି । ଯେଉଁ ମାର୍ଗରେ ଯାତ୍ରୀମାନେ ଅଧିକ ଯାତ୍ରା କରିବାର ସମ୍ଭାବନା ରହିଛି, ସେହିସବୁ ମାର୍ଗରେ ଆଜିଠାରୁ ଅଧିକ ସଂଖ୍ୟକ ଟ୍ରେନ୍ ଯାତ୍ରା କରିବ ବୋଲି ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି । ଉତ୍ତର ରେଳବାଇ ପକ୍ଷରୁ ୮ଟି ଟ୍ରେନ୍‌ରେ ତୃତୀୟ ଶ୍ରେଣୀ ବାତାନୁକୂଳିତ କୋଚ୍ ସହ ସ୍ୱତନ୍ତ୍ର ଚେୟାର କାର୍ ସଂଯୋଗ କରାଯାଇଛି । ପଶ୍ଚିମ ରେଳବାଇ ପକ୍ଷରୁ ୪ଟି ରୁଟ୍‌ରେ ଚଳାଚଳ କରୁଥିବା ଟ୍ରେନ୍‌ଗୁଡ଼ିକରେ ସ୍ୱତନ୍ତ୍ର କୋଚ୍ ସଂଯୋଗ କରାଯାଇଥିବାବେଳେ ଉତ୍ତର-ପୂର୍ବ ରେଳବାଇରେ ମଧ୍ୟ ୨ଟି ଟ୍ରେନ୍‌ର ବଗିସଂଖ୍ୟା ବୃଦ୍ଧି କରାଯାଇଛି । ଚଳିତ ମାସ ୧୩ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ଚଳାଚଳ କରିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି ।

## ଭି.ପି. - ଗୁଜରାଟ

ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ସି.ପି. ରାଧାକୃଷ୍ଣନ୍ ପ୍ରଥମ ଥରପାଇଁ ଗୁଜରାଟ ଗସ୍ତରେ ଯିବେ । ଏହି ଗସ୍ତକାଳରେ ଉପରାଷ୍ଟ୍ରପତି ଏକତା ନଗର ଷ୍ଟାଚ୍ୟୁ ଅଫ୍ ୟୁନିଟିଠାରେ ସର୍ଦ୍ଦାର ବଲ୍ଲଭଭାଇ

ପଟେଲ୍‌ଙ୍କ ୧୫୦ତମ ଜନ୍ମବାର୍ଷିକୀ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେବେ ।

## ଅମିତ୍ ଶାହା

କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଗୁଜରାଟର ଗାନ୍ଧିନଗରଠାରେ 'ଆର୍ଥ ସମ୍ମିଳନୀ-୨୦୨୫'କୁ ଉଦ୍‌ଘାଟନ କରିବା ସହ ଅନ୍ୟ ୧୩ଟି ନୂତନ ସେବାର ଶୁଭାରମ୍ଭ କରିଛନ୍ତି । 'ସହକାର ସାରଥୀ' ଅଭିଯାନ ଅଧୀନରେ ଏହି ସେବାଗୁଡ଼ିକର ଆରମ୍ଭ କରାଯାଇଛି । ଏଥିରେ ଡିଜି. କେ.ସି.ସି., ସାରଥୀ ଅଭିଯାନ, ସାରଥୀ ୱେବ୍‌ସାଇଟ୍, ସମବାୟ ପ୍ରଶାସନ ସୂଚକ, ଇ-ପ୍ୟାକ୍‌ସ ଏବଂ ଶିକ୍ଷା ସାରଥୀ ଓ ସାରଥୀ ପ୍ରଯୁକ୍ତିବିଦ୍ୟା ଫୋରମ୍ ରହିଛି ।

ସମାବେଶକୁ ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି, ଆର୍ଥ ସମ୍ମିଳନୀର ଦ୍ୱିତୀୟ ସଂସ୍କରଣରେ ଗ୍ରାମୀଣ ଅର୍ଥନୀତିକୁ ବିକାଶମୂଳକ ଓ ସୁଦୃଢ଼ କରିବା ଲାଗି ଧ୍ୟାନ ଦିଆଯାଉଛି । ସେ କହିଛନ୍ତି, ଗ୍ରାମୀଣ ଅର୍ଥନୀତିକୁ ଲୋକାଭିମୁଖୀ କରିବା ଲାଗି ୪ଟି ମନ୍ତ୍ରଣାଳୟ ସହାୟତାରେ ଯୋଜନା ପ୍ରସ୍ତୁତ କରାଯାଇଛି । ଆସନ୍ତା ବର୍ଷ ଦିଲ୍ଲୀରେ ହେବାକୁ ଥିବା ତୃତୀୟ ବୈଠକରେ ଏଥିଲାଗି ନୀତି ନିର୍ଦ୍ଧାରଣ କରାଯିବ ବୋଲି ଶ୍ରୀ ଶାହା କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗ୍ରାମୀଣ ବିକାଶକୁ ଅଗ୍ରାଧିକାର ଦିଆଯାଉଥିବାବେଳେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରାଯାଇ ସମବାୟ କ୍ଷେତ୍ରରେ ୫୦ କୋଟିରୁ ଅଧିକ ଲୋକଙ୍କୁ ସାମିଲ୍ କରାଯାଇଥିବା ଶ୍ରୀ ଶାହା କହିଛନ୍ତି । କେନ୍ଦ୍ର ସମବାୟ ବିଭାଗ ପକ୍ଷରୁ 'ସହକାର ଟ୍ୟାକ୍ସି' ଯୋଜନାରେ ୫୧ ହଜାରରୁ ଅଧିକ ଡ୍ରାଇଭର ପଞ୍ଜୀକରଣ କରିଥିବା ଶ୍ରୀ ଶାହା ସୂଚନା ଦେଇଛନ୍ତି ।

## କ୍ରିକେଟ୍ - ଓ.ଡି.ଆଇ.

ପୁରୁଷ କ୍ରିକେଟ୍‌ରେ ଆଜି ବିଶାଖାପଟନମ୍‌ର ଏ.ସି.ଏ.-ଭି.ଡି.ସି.ଏ. କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ତୃତୀୟ ତଥା ଅନ୍ତିମ ଏକଦିବସୀୟ ମ୍ୟାଚ୍ ଖେଳାଯିବ । ଭାରତୀୟ ସମୟ ଅପରାହ୍ଣ ଗୋଟାଏ ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ଏବେ ଏହି ସିରିଜ୍ ୧-୧ରେ ସମାନ ସ୍ଥିତିରେ ରହିଛି । ରାଞ୍ଚିରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ବିଜୟ ହାସଲ କରିଥିବାବେଳେ ରାୟପୁରରେ ଅନୁଷ୍ଠିତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିଜୟ ହାସଲ କରିଥିଲା ।

ଏଫ୍.ଆଇ.ଏଚ୍. ହକି ପୁରୁଷ ଜୁନିୟର ବିଶ୍ୱକପ୍‌ରେ ଗତ ସନ୍ଧ୍ୟାରେ ଚେନ୍ନାଇର ମେୟର ରାଧାକୃଷ୍ଣନ୍ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ କ୍ୱାର୍ଟର

ଫାଇନାଲ୍ ମ୍ୟାଚ୍‌ରେ ଭାରତ ବେଲ୍‌ଜିୟମ୍‌କୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି । ଭାରତୀୟ ହକିଦଳ ପେନାଲ୍‌ଟି ସୁଟ୍ ଆଉଟ୍ ଜରିଆରେ ୪-୩ ଗୋଲ୍‌ରେ ବେଲ୍‌ଜିୟମ୍‌କୁ ପରାସ୍ତ କରିଛି । ପ୍ରିନ୍‌ସ୍‌ଦୀପଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି । ଆସନ୍ତାକାଲି ସେମିଫାଇନାଲ୍‌ରେ ଭାରତ ଏବଂ ଜର୍ମାନୀ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

*****